ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୯ ଜୁନ୍, ୨୦୨୩

## ୪ କୁଇଣ୍ଟାଲ ଗଞ୍ଜେଇ ଜବତ

ଫୁଲବାଣୀ: (ରାକେଶ ରାଉତ )-ଫୁଲବାଣୀ ଅବକାରୀ ବିଭାଗ ବୁଧବାର ଫିରିଙ୍ଗିଆ ଅଞ୍ଚଳରେ ଚଢ଼ାଉ କରିଛି। ବାହାରକୁ ଚାଲାଣ ପାଇଁ ରଖାଯାଇଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ପରିମାଣ ୪ କୁଇଣ୍ଟାଲରୁ ଅଧିକ ବୋଲି କୁହାଯାଇଛି। ହେଲେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତ କୁଟୁଣିପଦର ନିକଟସ୍ଥ ପାହାଡର ଜଙ୍ଗଲ ଭିତରେ ବିପୁଳ ମାତ୍ରାର ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ସଦର ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଅବକାରୀ ଅଧୀକ୍ଷକ ପ୍ରବୀର ସାମଲଙ୍କ ନେତୃତ୍ୱରେ ସବ ଇନ୍ସପେକ୍ଟର ସାଗର ଭୋଇ ଓ ସଦର ଅବକାରୀ କର୍ମଚାରୀମାନେ ଚଢ଼ାଉ କରିଥିଲେ। ହେଲେ ଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସଦର ଅବକାରୀ ଥାନାରେ ଏ ନେଇ ନଂ. ୪୫/୨୩-୨୪ରେ ଏକ ମାମଲା ରୁଜୁ କରାଯାଇଛି।



## ସଂକ୍ଷେପରେ

### ଗୋଇଲୁଣ୍ଡି ଶ୍ରୀନଗରରେ ବୋମା ମାଡ଼ ଘଟଣା, ୪ ଗିରଫ

ବ୍ରହ୍ମପୁର, ୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ): ଗୋଇଲୁଣ୍ଡି ଶ୍ରୀ ନଗରରେ ଏଲ.ଅର୍ଜୁନ ପାତ୍ରଙ୍କ ଘରକୁ ବୋମା ମାଡ଼ ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ୪ ଜଣ ଏଲ.ସୁଶୀଲ, ସଂଜୟ ନାୟକ, ପି.ସତୀଶ ରାଓ, ଜିତେନ୍ଦ୍ର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ୨୩ତାରିଖ ବିଳମ୍ବିତ ରାତିରେ ଅର୍ଜୁନ ଓ ତାଙ୍କ ସ୍ତ୍ରୀ ଘର ବାହାରେ ଥିବା ବେଳେ ଅଭିଯୁକ୍ତମାନେ ପହଞ୍ଚି ଗାଳିଗୁଲଜ କରିବା ସହ ବୋମା ମାଡ଼ କରିଥିଲେ। ବୋମା ଘରର ବାରଣ୍ଡାରେ ପଡିଥିଲା। ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ । ଅର୍ଜୁନଙ୍କ ଅଭିଯୋଗ ପ୍ରକାରେ ବୈଦ୍ୟନାଥପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି କରିଥିଲା ଏବଂ ଘଟଣା ସ୍ଥଳରୁ ଫୁଟିଥିବା ବୋମାର ଟୁକୁଡା ଜବତ କରିଥିଲା । ପାରିବାରିକ କଳହ ଓ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ବୋମାମାଡ ହୋଇଥିଲା ବୋଲି ପୋଲିସ ସୂଚନାଠାରୁ ମିଳିଛି।

### ଦିଗପହଣ୍ଡି ବସ୍ ଦୁର୍ଘଟଣା ଏସ୍ଆଇଟି ତଦନ୍ତ ପାଇଁ ଏନ୍ଏଚ୍ଆର୍ସିରେ ପିଟିଶନ୍

ବ୍ରହ୍ମପୁର,୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଖେମୁଣ୍ଡି କଲେଜ ନିକଟରେ ଘଟିଥିବା ମର୍ମନ୍ତୁଦ ବସ୍ ଦୁର୍ଘଟଣାକୁ ନେଇ ବ୍ରହ୍ମପୁର ସହରର ଯୁବ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଜାତୀୟ ମାନବ ଅଧିକାର କମିସନ୍ (ଏନ୍ଏଚ୍ଆରସି)ରେ ଏକ ପିଟିସନ୍ ରୁଜୁ କରିଛନ୍ତି। ଦୀର୍ଘ ୨୫ବର୍ଷର ପୁରୁଣା ବସ୍‌କୁ କିପରି ଫିଟନେସ୍ ମିଳିଲା ଓ ବିନା ପରମିଟରେ ତାହା କିପରି ଯାତ୍ରୀଙ୍କୁ ନେବା ଆଣିବା କରୁଥିଲା ବୋଲି ମିଶ୍ର ପ୍ରଶ୍ନ କରିଛନ୍ତି। ଏଥିପାଇଁ ପ୍ରଶାସନିକ ଅଧିକାରୀ ଦାୟୀ। ଏଣୁ ଏସ୍ଆଇଟି ଦ୍ୱାରା ଏହି ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ଏହା ସହିତ ମୃତକଙ୍କ ପରିବାରବର୍ଗଙ୍କୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ତାଙ୍କର ପିଟିସନ୍‌ରେ ଉଲ୍ଲେଖ କହିଛନ୍ତି। ଏହି ଦୁର୍ଘଟଣାରେ ୧୧ଜଣଙ୍କ ମୃତ୍ୟୁ ଘଟିଥିଲା।

### ଦ୍ୱିତୀୟ ବିବାହ ଅଭିଯୋଗ

ବ୍ରହ୍ମପୁର,୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ): ପ୍ରଥମ ସ୍ତ୍ରୀଙ୍କୁ ଜାତିଆଣ ଆକ୍ଷେପ କରି ଘରୁ ତଡିଦେଇ ଜଣେ ବ୍ୟକ୍ତି ଦ୍ୱିତୀୟ ବିବାହ କରିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବଡ଼ବଜାରର ଥାନା ଅନ୍ତର୍ଗତ ପ୍ରେମ ନଗର ଅଞ୍ଚଳର ଗୌରୀ ନାୟକ ପାଣିଗ୍ରାହୀ ପେଣ୍ଟର ସନାତନ ବାଡ଼ତ୍ୟାଙ୍କୁ କିଛିବର୍ଷ ପୂର୍ବେ ରେଜିଷ୍ଟ୍ରି ମେରେଜ୍ କରିଥିଲେ। ବିବାହ ପରେ ଉଭୟ ଅନ୍ୟତ୍ର ରହୁଥିଲେ। ସ୍ୱାମୀ ସନାତନ ମହିଳାଙ୍କ ଅନିଚ୍ଛା ସତ୍ତ୍ୱେ ଦୁଇଥର ତାଙ୍କର ଗର୍ଭପାତ କରାଇଥିଲେ ଏବଂ ସେ ବାରମ୍ବାର ଅନୁରୋଧ କରିଥିବା ବେଳେ ସନାତନ ମହିଳାଙ୍କୁ ତାଙ୍କୁ ଘରକୁ ମଧ ନେଇନଥିଲେ। ଅନ୍ୟପକ୍ଷରେ ନିର୍ଯ୍ୟାତିତା ମହିଳା ଜଣଙ୍କ ଦଳିତ ଶ୍ରେଣୀର ହୋଇଥିବା ବେଳେ ବିଭିନ୍ନ ସମୟରେ ତାଙ୍କ ସ୍ୱାମୀ ତାଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେଉଥିଲେ। ଏହା ସହ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ଗତ ୨୬ ତାରିଖରେ ମହିଳା ଜଣଙ୍କ କୌଣସି କାମରେ ତାଙ୍କ ଭାଇଙ୍କ ସହ ପୁରୁଣା ବ୍ରହ୍ମପୁର ଅଞ୍ଚଳକୁ ଯାଇଥିଲେ। ଏହି ସମୟେ ତାଙ୍କ ସ୍ୱାମୀ ସନାତନଙ୍କୁ ସେ ପନ୍ଦରା ସାହିରେ ଦେଖିଥିଲେ। ସନାତନ ଗତ ଏକ ବର୍ଷ ପୂର୍ବେ ଦ୍ୱିତୀୟ ବିବାହ କରିଥିବା ବେଳେ ତାଙ୍କର ଗୋଟେ ସନ୍ତାନ ଥିବା ଗୌରୀ ନାୟକ ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୦୬/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି।

### ଆକ୍ରମଣ ମାମଲାର ଅଭିଯୁକ୍ତ ଗିରଫ

ଆସିକା,୨୮।୬(ସୁରେନ୍ଦ୍ର ନାଥ ସାହୁ)-ଗାଙ୍ଗପୁର ଥାନା କୁଲାଙ୍ଗୀ ଗ୍ରାମ ନିକଟରେ ଗତ ରବିବାର ମକରାପଲ୍ଲୀ ଗ୍ରାମର ତ୍ରିଲୋଚନ ସେଠୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଓ ମଙ୍ଗଳବାର ଏହି ମାମଲାର ସାକ୍ଷୀଙ୍କୁ ଧମକ ଚମକ ଦେଇଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି । ସେ ହେଲେ କୁଲାଙ୍ଗୀ ଗ୍ରାମର ବୁଧିଆ ରାଉତ । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଗାଙ୍ଗପୁର ଥାନାରେ ଅନୁସୂଚିତ ବର୍ଗର ବ୍ୟକ୍ତି ବିଶେଷଙ୍କୁ ହତ୍ୟା ଉଦ୍ୟାମ ଅଭିଯୋଗରେ ନଂ.୪୭୧/୨୩ରେ ଏକ ମାମଲା ରୁଜୁ କରାଯାଇଛି। ସେହିଭଳି ଏହି ମାମଲାର ସାକ୍ଷୀଙ୍କୁ ଧମକଚମକ ଦେଇଥିବା ଅଭିଯୋଗରେ ନଂ.୪୭୪/୨୩ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ଭଞ୍ଜନଗର ଏସଡିପିଓ ବିଶ୍ୱମିତ୍ର ହରପଲ ଏହି ମାମଲାର ତଦନ୍ତ କରୁଛନ୍ତି ।

# ଗଞ୍ଜାମରେ କଂଗ୍ରେସ ସଙ୍ଗଠନ ଦୁର୍ବଳ

## ବ୍ରହ୍ମପୁର ମହାନଗରରେ ଦଳ ସ୍ଥିତି ଚିନ୍ତାଜନକ

ବ୍ରହ୍ମପୁର,୨୮।୬ (ନରସିଂହ ସାହୁ)

ବୃହତମ ଜିଲା ଗଞ୍ଜାମରେ ଅତୀତର କଂଗ୍ରେସ ଦୁର୍ଗ ଭୁଶୁଡ଼ି ଯାଇଛି। ଆଗାମୀ ନିର୍ବାଚନ ପାଇଁ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ପକ୍ଷରୁ ବିଭିନ୍ନ ସମର ସଜ୍ଜା ଆରମ୍ଭ ହୋଇଥିବା ବେଳେ କଂଗ୍ରେସ ଏଯାବତ୍ ରଣନୀତି ପ୍ରସ୍ତୁତ କରିନଥିବା ମନେ ହେଉଛି। ବ୍ରହ୍ମପୁର ମହାନଗରରେ ସଂଗଠନ ଅଧିକ ଖରାପ ହୋଇଯାଇଛି। ବିଭିନ୍ନ ସମସ୍ୟା ଓ ଅନ୍ୟ ପ୍ରସଙ୍ଗ ନେଇ ଭାଜପା, ବାମପନ୍ଥୀ ଦଳ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ କଂଗ୍ରେସର ପଛଘୁଞ୍ଚା ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି।

୨୦୧୩ ପୌର ନିର୍ବାଚନ ପର୍ଯ୍ୟନ୍ତ ଦଳର ସ୍ଥିତି ସୁଦୃଢ଼ ଥିଲା। ମହାନଗର ପୌର ନିର୍ବାଚନରେ ବିଜେଡିକୁ କଡ଼ା ଟକ୍କର ଦେଇଥିଲା। ୨୦୧୯ ସାଧାରଣ ନିର୍ବାଚନ ଓ ୨୦୨୨ ପୌର ନିର୍ବାଚନରେ କଂଗ୍ରେସର ଶୋଚନୀୟ ସ୍ଥିତି ପଦାକୁ ଆସିଥିଲା। ବିଏମସିର ୨୦୧୩ ପୌର ନିର୍ବାଚନ କଂଗ୍ରେସ ଓ ବିଜେଡି ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଥିଲା। ବିଜେଡି ପ୍ରଚାର ଲାଗି ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମହାନଗରର ସବୁ ୱାର୍ଡରେ ରୋଡ ଶୋ କରିବାକୁ ପଡ଼ିଥିଲା। କେବଳ ସେତିକି ନୁହେଁ ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ଘୋଷଣା କରିଥିଲେ। ସେତେବେଳର ୪ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ବିକ୍ରମ କେଶରୀ ଆରୁଖ, ଉଷା ଦେବୀ ଓ କଳ୍ପତରୁ ଦାସ ଦୀର୍ଘଦିନ ଡ଼େରା ପକାଇଥିଲେ। ଅନ୍ୟପକ୍ଷରେ ଅନନ୍ତ ନାରାୟଣ ଜେନା, ସାରଦା ନାୟକ, ସୁବାସ ସିଂ ଓ ଅନ୍ୟ ନେତାମାନେ ନିର୍ବାଚନ ଦାୟିତ୍ୱରେ ରହିଥିଲେ। ଶାସକ ଦଳର ସବୁ ପ୍ରକାର କୌଶଳ ସତ୍ତ୍ୱେ ୪୦ ୱାର୍ଡରୁ ୧୫ଟିରେ କଂଗ୍ରେସ ଜିତିଥିଲା। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ତଳିତଲାନ୍ତ ଅବସ୍ଥାକୁ ଆସିଥିଲା। ଦଳର ବିଧାୟକ ପ୍ରାର୍ଥୀ ଚତୁର୍ଥ ସ୍ଥାନକୁ ଖସି ଅମାନତ ହରାଇବାର ରାଜନୀତିରେ ପ୍ରଥମ ଘଟଣା ହୋଇଥିଲା।

ଦୁଇ ବର୍ଷ ତଳେ କଂଗ୍ରେସର ଜିଲା ସଂଗଠନ ପୁନର୍ଗଠନ କରାଯାଇ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ସଭାପତି କରାଗଲା। ସେ ମଧ ଜିଲା ସଂଗଠନରେ ନୂଆ ଟିମ ଗଠନ କଲେ। ଅଭିଜ୍ଞତା ଥିବା ନେତାଙ୍କୁ ଦୂରେଇ ରଖିଲେ। ଅପରପକ୍ଷରେ ୨୦୧୯ ନିର୍ବାଚନ ପୂର୍ବରୁ ଏଆଇସିସି ସଦସ୍ୟ ଥିବା ଚନ୍ଦ୍ର ଶେଖର ସାହୁ ଓ ବିକ୍ରମ ପଣ୍ଡା କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେଲେ। ଉଭୟଙ୍କ ସମର୍ଥକମାନେ ମଧ ବିଜେଡିରେ ମିଶିଲେ। ବହୁ ଚାପ ସତ୍ତ୍ୱେ କଂଗ୍ରେସ ଛାଡ଼ି ନ ଥିବା ନେତା ଓ କର୍ମୀଙ୍କୁ ନୂଆ ଜିଲା ସଭାପତି ଉପେକ୍ଷା କଲେ। ମାସ ମାସ ଧରି ଦଳ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ତାଲା ପକାଇ ରଖିଲେ। ଦୀର୍ଘ ମାସ ହେବ ଦଳର ଜିଲା ସମ୍ମିଳନୀ ହୋଇନାହିଁ। ଗତ ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନରେ ସମଗ୍ର ଜିଲାରେ କଂଗ୍ରେସର ଅବସ୍ଥା ଶୋଚନୀୟ ହେଲା। ୬୯ ଜିଲା ପରିଷଦ ଜୋନରୁ କଂଗ୍ରେସ ଗୋଟିଏରେ ବିଜିତି ପାରିନଥିଲା। ସେହିପରି ପୌର ନିର୍ବାଚନରେ ବ୍ରହ୍ମପୁର କଂଗ୍ରେସ ମେୟର ପ୍ରାର୍ଥୀ ୪ ନମ୍ବରକୁ ଖସିଲେ। ମାତ୍ର ଗୋଟିଏ ୱାର୍ଡରେ କଂଗ୍ରେସର ମହିଳା କର୍ପୋରେଟର ପ୍ରାର୍ଥୀ ଜିତିଲେ। ବାହାନଗା ରେଳ ଟ୍ରାଜେଡି ନେଇ ୧୨ ବିରୋଧୀ ଦଳ ପକ୍ଷରୁ ବ୍ରହ୍ମପୁରରେ ରେଳ ଷ୍ଟେଶନ ରେଳ ମନ୍ତ୍ରୀଙ୍କ ଇସ୍ତଫା ଓ ଅନ୍ୟ ଦାବି ନେଇ ପ୍ରବଳ ବିକ୍ଷୋଭ ଓ ଆନ୍ଦୋଳନ ଗତ ୧୨ ତାରିଖରେ ହୋଇଥିଲା। ତେବେ ଜିଲା କଂଗ୍ରେସ ସାମିଲ ନ ହୋଇ ଚର୍ଚ୍ଚାକୁ ଆସିଥିଲା।

## ମନ୍ଦିର ଉନ୍ନତୀକରଣ ଶିଳାନ୍ୟାସ



ଆସିକା,୨୮।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସିର ଖମ୍ବେଶ୍ୱରୀ ପାଟଣାସ୍ଥିତ ଗୋପିନାଥ ମନ୍ଦିର ପରିସରରେ ବୁଧବାର ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ମନ୍ଦିର ଉନ୍ନତିକରଣର ଶିଳାନ୍ୟାସ ଅନୁଷ୍ଠିତ ହୋଇଥିଲା। ବିଧାୟିକାଙ୍କ ହାତପାଣ୍ଠିରୁ ପ୍ରାଥମିକ ସ୍ତରରେ ଏହି କାର୍ଯ୍ୟ ଲାଗି ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା ପକ୍ଷରୁ ଡି. ଲିଙ୍ଗରାଜ ପାତ୍ରଙ୍କ ସମେତ ବହୁ ଶ୍ରଦ୍ଧାଳୁ ସାମିଲ ଥିଲେ।

## ଫେରାର ନାବାଳକଙ୍କୁ ଧରିଲା ପୋଲିସ

ବ୍ରହ୍ମପୁର,୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଆକ୍ରମଣରେ ସମ୍ପୃକ୍ତ ଥାଇ ଫେରାର ଥିବା ଜଣେ ନାବାଳକଙ୍କୁ ପୋଲିସ ଧରିଛି। ମାମଲା ନମ୍ବର ୧୨୯/୨୩ରେ ନାବାଳକଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରିଥିଲା। ଜେଜେବିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ନାବାଳକଙ୍କୁ ବାଳସୁଧର ଗୃହରେ ନେଇ ଛାଡିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଗତ ମେ ୧୧ ତାରିଖ ରାତି ୮ଟା ସମୟରେ ଗୋଷାଣୀନୂଆଗାଁ ଚଣ୍ଡୀ ମନ୍ଦିର ସାହିର ବାପିନି ସାହୁ ତାଙ୍କ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଦଶଘରିଆ ସାହି ନିକଟରେ ତାଙ୍କୁ କେତେକ ଯୁବକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହାଫଳରେ ବାପିନିଙ୍କ ମୁଣ୍ଡରୁ ରକ୍ତସ୍ରାବ ହେବା ସହ ସେ ତଳେ ପଡ଼ିଯାଇଥିଲି। ଏହାପରେ ଆକ୍ରମଣକାରୀମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ବାପିନିଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାପିନିଙ୍କୁ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ କହିଥିଲା।

## ଟିପିଏସ୍ଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମୁଖରେ ସିପିଏମର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବ୍ରହ୍ମପୁର,୨୮।୬ (ସ୍ମୃତି ରଞ୍ଜନ ମହାଲିକ୍)

ଟିପିଏସଓଡିଏଲ ପକ୍ଷରୁ ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦ କରି ବୁଧବାର ସିପିଏମ ଗଞ୍ଜାମ ଜିଲା କମିଟି ପକ୍ଷରୁ ଟିପିଏସଓଡିଏଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଯନ୍ତ୍ରୀଙ୍କୁ ଦଳ ପକ୍ଷରୁ ତିନି ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଦାବି ଗୁଡିକ ମଧ୍ୟରେ ଘନ ଘନ ବିଜୁଳି କାଟ ବନ୍ଦ, ୧୯୧୨ ଅଭିଯୋଗ ଗ୍ରହଣ ନମ୍ବରକୁ କାର୍ଯ୍ୟକ୍ଷମ ଓ ୨୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇବା ପାଇଁ ଦାବି ହୋଇଛି। ସିପିଏମ ରାଜ୍ୟ କମିଟି ପକ୍ଷରୁ ଉପରୋକ୍ତ ଦାବି ସମୂହକୁ ନେଇ ରାଜ୍ୟବ୍ୟାପୀ ଏକ ସପ୍ତାହ ପର୍ଯ୍ୟନ୍ତ ପ୍ରତିବାଦ କରାଯାଇଛି। ଆଜିର ବିକ୍ଷୋଭରେ ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବ୍ରହ୍ମପୁର ସମ୍ପାଦକ ଶିବ ପ୍ରସାଦ ମହାପାତ୍ରଙ୍କ ସମେତ ପ୍ରତାପ ଚୌଧୁରୀ, ବାବୁଲା ନାୟକ, ଗୋକୁଳ ତ୍ରିପାଠୀ, କେଶବ ଗୌଡ଼, ହରି ନାହାକ, ଚିଟି ବାବୁ, ରଞ୍ଜନ ପାତ୍ର, ଲୋକନାଥ ଖୁଣ୍ଟିଆ, ଶ୍ରୀନିବାସ ଦାସ ଓ ପୁରୁଷୋତ୍ତମ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ୨୦ ଫୁଟ ତଳକୁ ପିକ୍ଅପ୍ ଖସି ୧୫ ଆହତ

ଆର.ଉଦୟଗିରି,୨୮।୬(ମନୋଜ କୁମାର ପାଢୀ)

ମଙ୍ଗଳବାର ରାତିରେ ଏକ ପିକ୍ଅପ୍‌ରେ ଚମ୍ପାଘାଟି ବୁଲାଣି ବୁଲାଇନପାରି ଦୁର୍ଘଟଣା ଘଟିବାରୁ ୧୫ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ଅଛନ୍ତି। ଆର.ଉଦୟଗିରି ଥାନା ଲୁବୁସିଂ ଗ୍ରାମର ଠାକୁର ମାଷ୍ଟରଙ୍କ ଛାତ ପକାଇବାକୁ ଘର କରିବା ଠିକାଦାର ବାପି ନାଇଡୁ ପୁରୁଣାପାଣି ଅଞ୍ଚଳର ୧୫ ଜଣ ଶ୍ରମିକ ଧରିଆସିଥିଲେ। ଛାତ ପକାଇବା ସରିବା ପରେ ଶ୍ରମିକମାନେ ନିଜନିଜର ଗ୍ରାମକୁ ପିକ୍ଅପ୍‌ରେ ଫେରୁଥିବା ସମୟରେ ଚମ୍ପାଘାଟିରେ ଗାଡି ଭାରସାମ୍ୟ ହରାଇ ବୁଲାଣି କାଟିନପାରି ଗାଡିଟି ରାସ୍ତାକୁ ଖସି ଦୁର୍ଘଟଣା ଘଟିଥିଲା। ସମସ୍ତ ଆହତଙ୍କୁ ଆର.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଛି। ଆହତମାନେ ହେଲେ ପୁରୁଣାପାଣି ଗଣେଶ ରଇତ, ଗୁଡିସାହିର ରଞ୍ଜିତ କୁମାର, ପୃଷ୍ଟୋର ଶିମାଞ୍ଚଳ ଗୌଡ, ପୁରୁଣାପାଣି ଗ୍ରାମର ଅଶୋକ ରଇତ, ଶିମାଞ୍ଚଳ ଗୌଡ, ବାୟା ଗୌଡ, ନିରଞ୍ଜନ ରଇତ, ସୁଦଶନ ରଇତ, କୁରେଶ ରଇତ, ଶିମନ ଦଳେଇ, ବିପିନ୍ ଗୌଡ, ନିରଞ୍ଜନ ଗୌଡ ଓ ଅଶୋକ ରଇତଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିଲା। ଶିମନ, ବିପିନ୍, ନିରଞ୍ଜନ ଓ ଅଶୋକଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଗାଡି ଜବତ କରିବା ସହ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ସୁନା ଚେନ୍ ଲୁଟ୍ ଉଦ୍ୟମ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବତୀଙ୍କ ଠାରୁ ସୁନା ଚେନ ଲୁଟ ଉଦ୍ୟମ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କୁକୁଡ଼ାଖଣ୍ଡି କାଲୁଆ ସାହିର ରବୀନ୍ଦ୍ର ଡାକୁଆ ଓରଫ ବେହେରା(୩୨)। ବୁଧବାର ମାମଲା ନଂ ୩୨୫/୨୩ରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ କୁକୁଡ଼ାଖଣ୍ଡିର ପ୍ରଭାସିନୀ ସାହୁ ତାଙ୍କ ଜଣେ ବନ୍ଧୁଙ୍କ ବିବାହ ଭୋଜିରେ ଯୋଗଦେବାକୁ ଯାଉଥିଲେ। ଏହି ସମୟରେ କାଲୁଆ ଛକରେ ଜଣେ ଯୁବକ ତାଙ୍କୁ ଅଟକାଇଥିଲେ। ପ୍ରଭାସିନୀ ପିନ୍ଧିଥିବା ସୁନା ଚେନକୁ ତାଙ୍କ ଲୁଟ କରିବାରେ ଉଦ୍ୟମ କରିଥିଲେ। ପ୍ରଭାସିନୀ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ଫଳରେ ଅଭିଯୁକ୍ତ ଜଣଙ୍କ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ପ୍ରଭାସିନୀ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସରଧାପୁରରେ ଚକ୍ଷୁ ଚିକିତ୍ସା ଶିବିର



ପାତ୍ରପୁର,୨୮।୬(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ସରଧାପୁରଠାରେ ବାହୁଡ଼ା ଯାତ୍ରା ଉପଲକ୍ଷେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ବେହେରା ଓ ଶିକ୍ଷୟିତ୍ରୀ ରିତା ସାହୁ ଏହି ଶିବିରକୁ ଅୟୋଜନ କରିଥିବା ବେଳେ ଏଲ ବି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ (ବ୍ରହ୍ମପୁର)ଠାରୁ ସ୍ୱପ୍ନା ପାଢ଼ୀ, ଇ ସନ୍ତୋଷ, ଅନିଲ କୁମାର ଦଳେଇ ଆସି ମାଗଣା ଚକ୍ଷୁ ଚିକିତ୍ସା କରିଥିଲେ। ରେଣୁ କୁମାରୀ ପ୍ରଧାନ ଓ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୬୦ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୧୪ ଜଣଙ୍କୁ ଅପରେସନ ପାଇଁ ମନୋନୀତ କରାଯାଇଛି।

## ଅଙ୍ଗନୱାଡି କର୍ମୀଙ୍କୁ ନାଏବ ସରପଞ୍ଚଙ୍କ ଆକ୍ରମଣ

ପାରଳାଖେମୁଣ୍ଡି,୨୮।୬ (ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ଥିବା ଗଜପତିନଗର ଅଙ୍ଗନବାଡି କେନ୍ଦ୍ରର କର୍ମୀ ସୁନୀତା ସାମଲ (୪୫) ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଗୁରାଣ୍ଡି ପଞ୍ଚାୟତର ନାଏବ ସରପଞ୍ଚ ରୁକୁମା ମାଝୀ ଏବଂ ସହଯୋଗୀମାନେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ନାଏବ ସରପଞ୍ଚ ମାଝୀ ତାଙ୍କର ଜଣେ ସମ୍ପର୍କୀୟଙ୍କ ନାମରେ ଦୁଇଟି ଅଙ୍ଗନବାଡି କେନ୍ଦ୍ରରେ ହିତାଧିକାରୀ ଭାବେ ନାମ ରହିଛ, ଯାହାକୁ ନେଇ ବିଭାଗୀୟ ପକ୍ଷରୁ ତଦନ୍ତ କରାଯାଉଥିଲା। ବୁଧବାର ଦୁଇଜଣ ସୁପରଭାଇଜର ତଦନ୍ତ କରି ଫେରିଥିଲେ। ଏହାପରେ ନାଏବ ସରପଞ୍ଚ କୌଣସି କାରଣରୁ ଉତ୍ତକ୍ଷିପ୍ତ ହୋଇ ତାଙ୍କ ସହଯୋଗୀ ଅତୁଲ ପାତ୍ର, ସୁବାସ ପାତ୍ର, ମଣ୍ଟୁ ପାତ୍ର ପ୍ରମୁଖ ସଂଘବଦ୍ଧ ଭାବେ ଅଙ୍ଗନବାଡି କର୍ମୀ ସୁନୀତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ସୁନୀତାଙ୍କ ଭାଇ ସୁଶାନ୍ତ ଉଦ୍ଧାର କରିବାକୁ ଯାଇଥିଲେ। ଆକ୍ରମଣକାରୀମାନେ ଉଭୟ ଭାଇ ଭଉଣୀଙ୍କ ସହ ଭଣଜା ରୋଶନ ଜେନାଙ୍କୁ ଆକ୍ରମଣ କରିଥିଲେ। ତିନି ଜଣଙ୍କୁ ପ୍ରଥମେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଦୁଇ ଜଣଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗୁରାଣ୍ଡି ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି ।

## ଗୋଟିଏ ସ୍କୁଟିରେ ୪ ଛାତ୍ର, ଜବତ କଲା ପୋଲିସ

ପୋଲସରା,୨୮।୬(ସୁବ୍ରତ ବେହେରା)

ପୋଲସରା ପୋଲିସର ଧରପଗଡ ବେଳେ ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟର ୪ ଜଣ ଛାତ୍ର ପଙ୍କଲବାଡି ଗ୍ରାମର ଦୀପକ ପ୍ରଧାନଙ୍କ ସ୍କୁଟିରେ ବସି ଯାତାୟାତ କରୁଥିଲେ। ପୋଲିସ ପକ୍ଷରୁ ସ୍କୁଟିକୁ ଜବତ କରି ନଂ.୩୬୭/୨୩ରେ ମାମଲା ରୁଜୁ କରିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଜୀତେନ୍ଦ୍ର କୁମାର ମଲ୍ଲିକ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଗୋପାଳପୁର, ୨୮ ।୬ (ଡ଼ି.ନବୀନ ରାଜ ଆଚାରୀ)

ବିବାହିତା ମହିଳାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁସାରେ, ଗୋଳନ୍ଥରା ଥାନା ଅନ୍ତର୍ଗତ ମଦନ ମୋହନପୁର ଗ୍ରାମର ଜି.ଜଗନ୍ନାଥ ରାଓଙ୍କ ସହିତ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳର କେ.ଭୁବନେଶ୍ୱରୀ ୨୦୨୨ ନଭେମ୍ବରରେ ବିବାହ ହୋଇଥିଲା। ବିବାହର କିଛି ଦିନ ପରେ ଭୁବନେଶ୍ୱରୀ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ଏବଂ ପରିବାରରେ ମଧ କଳହ ଲାଗିରହୁଥିଲା। ସୋମବାର ମଧ ରାତ୍ରିରେ ଭୁବନେଶ୍ୱରୀଙ୍କ ମୃତ୍ୟୁ ହୋଇଥିଲା। ଭୁବନେଶ୍ୱରୀ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ବାପାଘରକୁ ଜଗନ୍ନାଥଙ୍କ ପରିବାର ଜଣାଇଥିଲେ। ବୁଧବାର ବାପାଘର ଲୋକେ ଗ୍ରାମରେ ପହଞ୍ଚିଥିଲେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୧୬/୨୩ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପଟେ ଭୁବନେଶ୍ୱରୀଙ୍କ ମୃତ୍ୟୁକୁ ନେଇ ନାନା ସନ୍ଦେହ କରାଯାଉଛି।

## ଫେରାର ଅଭିଯୁକ୍ତ ଗିରଫ

ଆସିକା,୨୮।୬(ସୁରେନ୍ଦ୍ର ନାଥ ସାହୁ)–ଗାଙ୍ଗପୁର ଥାନା ପଣିବନ୍ଧ ଗ୍ରାମରୁ ବୁଧବାର ପୋଲିସ ଜଣେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଭାସ୍କର ବିଷୋୟୀ। ୧୯୯୮ ମାର୍ଚ୍ଚ ୨୫ରେ ପଣିବନ୍ଧ ଗ୍ରାମର ଘଟିଥିବା ସେହି ଗ୍ରାମର ଧୋବା ସାହୁ ହତ୍ୟା ମାମଲାର ବିଚାର କରି ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ଗତ ମାର୍ଚ୍ଚ ୨୧ରେ ଭାସ୍କରଙ୍କ ସମେତ ୭ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ଦଣ୍ଡାଦେଶ ସମୟରେ ଅଦାଲତରେ ହାଜର ନହୋଇ ଫେରାର ଥିବା ଭାସ୍କରଙ୍କ ବିରୋଧରେ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ପରୱାନା ବଳରେ ପୋଲିସ ତାଙ୍କୁ ଗିରଫ କରିଛି।

# ସୋସିଆଲ ମିଡିଆରେ କେନ୍ଦ୍ରୀୟ ଯୋଜନା ପ୍ରଚାରକୁ ଗୁରୁତ୍ୱ

## ଭାଜପା ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ରେଳ ରାଷ୍ଟ୍ରମନ୍ତ୍ରୀ

ବ୍ରହ୍ମପୁର,୨୮।୬ (ନରସିଂହ ସାହୁ)




ଖବରଦାତା ସମ୍ମିଳନୀରେ ରେଳ ରାଷ୍ଟ୍ରମନ୍ତ୍ରୀ ଓ ଅନ୍ୟମାନେ ।

ବ୍ରହ୍ମପୁର ବିଧାନସଭା ନିର୍ବଚାନ ମଣ୍ଡଳୀସ୍ତରୀୟ ଭାଜପାର ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରେଳ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜୋରଦଶ ଯୋଗ ଦେଇଥିଲେ। ସମବେତ କାର୍ଯ୍ୟକର୍ତ୍ତା ଓ ବରିଷ୍ଠ କର୍ମୀଙ୍କୁ ଆଗାମୀ ସାଧାରଣ ନିର୍ବାଚନ ସମ୍ପର୍କରେ ରଣନୀତି ନେଇ ସଚେତନ କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ ବର୍ଷର ସୁଶାସନ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଥିଲେ। ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାର ଅଭିଯାନକୁ ବ୍ୟାପକ କରିବାକୁ କେନ୍ଦ୍ରମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇଥିଲେ।ସୂଚନାଯୋଗ୍ୟ ମନ୍ତ୍ରୀ ଜୋରଦଶ ଗଞ୍ଜାମ ଜିଲାର ଦୁଇଟି ଯାକ ଲୋକସଭା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଅଛନ୍ତି। ତେଣୁ ଚଳିତ ବର୍ଷ ଆରମ୍ଭରୁ ଏକାଧିକ ଥର ଗଞ୍ଜାମ ଓ ଗଜପତି ଜିଲା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ, ମହିଳା ସଶକ୍ତିକରଣ ଓ ଅନ୍ୟ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନ କରାଇଛନ୍ତି। ଆଗାମୀ ଲୋକସଭା ନିର୍ବାଚନରେ ଦଳକୁ ଯେଭଳି ସଫଳତା ମିଳିବ ସେଥିପାଇଁ ନେତା ଓ କର୍ମୀମାନେ ନିଷ୍ଠାପର ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବିଭୂତି ଜେନା, ପୂର୍ବତନ ସଭାପତି କାହ୍ନୁ ଚରଣ ପତି, ଜିଲା ସଂଗଠନ ଉପସଭାପତି ସୁନୀଲ ସାହୁ, ସୁବାସ ସାହୁ, ସରୋଜ ସାବତ, ମନୋଜ ପଟ୍ଟନାୟକ ଓ ଅନ୍ୟମାନେ ଏବଂ ବିଭିନ୍ନ ଛାମୁଆ ସଂଗଠନର ନେତ୍ରୀ ଓ ନେତା ଉପସ୍ଥିତ ଥିଲେ। ଜିଲା ପ୍ରଭାରୀ ଅଶୋକ ମିଶ୍ର ଯୋଗ ଦେଇଥିବା ବେଳେ ଗତ ନିର୍ବାଚନର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଅନୁପସ୍ଥିତ ଥିଲେ। ସହରର ପୁରୁଖା ନେତା ଓ କର୍ମୀଙ୍କ ସହ ଏକ ସ୍ୱତନ୍ତ୍ର ବୈଠକରେ ରେଳ ରାଷ୍ଟ୍ରମନ୍ତ୍ରୀ ଯୋଗଦେଇ ସେମାନଙ୍କ ସହ ପ୍ରାତଃ ଭୋଜନରେ ସାମିଲ ହୋଇଥିଲେ। ଲୋକଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ମୌଳିକ ସମସ୍ୟା ବୁଝିବା ଏବଂ ସମାଧାନ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

# ବାହୁଡ଼ିଲେ ମହାପ୍ରଭୁ, ସବୁଠି ଶୁଭିଲା ଜୟ ଜଗନ୍ନାଥ ଧ୍ୱନି


ଗୋଇଲୁଣ୍ଡି


କୋର୍ଟପେଟା


ରଥ ଉପରେ ପଞ୍ଚାନନ ଚୌଧୁରୀଙ୍କ ଛେରାପହଁରା


ଭଞ୍ଜନଗର


ପାରଳାଖେମୁଣ୍ଡି


ବାଲିଗୁଡ଼ା


ଖଲିକୋଟ


ସୋରଡ଼ା


ଆସ୍କା


ଫୁଲବାଣୀ

ବ୍ରହ୍ମପୁର, ୨୮।୬ (ତନୁଶ୍ରୀ ନାହାକ)

ଦୀର୍ଘ ନଅ ଦିନରେ ଯାତ୍ରା ପରେ ଆଡ଼ପ ମଣ୍ଡପରୁ ଶ୍ରୀମନ୍ଦିର ମୁହାଁ ହୋଇଛନ୍ତି ତିନିଠାକୁର। ବୁଧବାର ଅନୁଷ୍ଠିତ ମହାପ୍ରଭୁଙ୍କ ପାରମ୍ପରିକ ବାହୁଡ଼ାଯାତ୍ରାକୁ ନେଇ ଉତ୍ସବ ମୁଖର ହୋଇ ଉଠିଥିଲା ରେଶମ ନଗରୀ ବ୍ରହ୍ମପୁର। ଭୋରରୁ ଆଡ଼ପମଣ୍ଡପରେ ତିନିଠାକୁରଙ୍କ ମଙ୍ଗଳ ଆଳତି ଓ ପଣା ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନଭୋଗ ପରେ ତିନିଠାକୁରଙ୍କୁ ଧାଡ଼ିପହଣ୍ଡିରେ ଆଣି ରଥାରୁଢ଼ କରାଯାଇଥିଲା। ପରମ୍ପରା ଅନୁସାରେ ସହରର ହନୁମାନ ବଜାର ଛକରେ ଥିବା ସାନ ଜଗନ୍ନାଥ, ବଡ ଜଗନ୍ନାଥ ରଥରେ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ରଦେବ ଛେରା ପହଁରା କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ଘଣ୍ଟ,ବାଦ୍ୟ, ମହୁରୀ, ଖୋଳ, ମୃଦଙ୍ଗ ବାଦ୍ୟ ସହ ଶ୍ରଦ୍ଧାଳୁଙ୍କ ଜୟଜଗନ୍ନାଥ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ସେହିପରି କୋର୍ଟପେଟା, ବଡ଼ବଜାର, ଗୋଷାଣୀନୁଆଗାଁ, ବିଜିପୁର, ଆଙ୍କୁଲି, ଲାଞ୍ଜିପଲ୍ଲୀ, ଉତ୍କଳ ଆଶ୍ରମ, ଆମ୍ବପୁଆରେ ମଧ୍ୟ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। କୋର୍ଟପେଟାରେ ମନ୍ଦିର ପରିଚାଳନା କମିଟି ସଭାପତି ଡ଼.ଜଗନ୍ନାଥ ସୁବୁଦ୍ଧି ତିନିଠାକୁରଙ୍କ ରଥରେ ଛେରାପହଁରା କରିଥିଲେ। ଅପରାହ୍ନରେ ବାହୁଡ଼ାରେ ରଥଟଣା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଗୋଷାଣୀନୁଆଗାଁ ଉତ୍ତରେଶ୍ୱର ଠାରେ ମନ୍ଦିର କମିଟି ସଭାପତି ପଞ୍ଚାନନ ଚୌଧୁରୀ ଛେରାପହଁରା କରିଥିଲେ। ସହର ଉପକଣ୍ଠସ୍ଥ ଭୈରବୀ, ଗୋପାଳପୁରରେ ମଧ୍ୟ ତିନି ଠାକୁରଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିଲା।


ଜି. ଉଦୟଗିରି


ପାତ୍ରପୁର


ଶେରଗଡ଼

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ),: ଅତିରିକ୍ତ ଜିଲା ଦୌରା ଜଜ-୧ ଡ. ଇନ୍ଦୁ ଶର୍ମା ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଗଞ୍ଜେଇ ଚାଲାଣକାରୀ ଜଣଙ୍କ ବିହାରର ପାଟଣା ଅଞ୍ଚଳର ନିରଜ କୁମାର। ସେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ପ୍ରକାଶ ଯେ, ୨୦୨୧ ଡିସେମ୍ବର ୧୦ରେ ଅବକାରୀ ଗୁଇନ୍ଦା ବିଭାଗ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଥିଲା। ତଥ୍ୟ ଆଧାରରେ ଏକ ଟିମ ଗୁଡ୍‌ସେଡ଼ ରୋଡରେ ଚଢଉ କରି ଦୁଇଟି ବସ୍ତାରୁ ୩୧କେଜି ଗଞ୍ଜେଇ ଜବତ କରିଥିଲା। ଗଜପତିରୁ ଗଞ୍ଜେଇ ଆଣି ବ୍ରହ୍ମପୁରରୁ ଟ୍ରେନ ଯୋଗେ ବିହାର ଚାଲାଣ ହେବା ପୂର୍ବରୁ ଟିମ ଚାଲାଣକାରୀଙ୍କୁ କାବୁ କରିଥିଲା। ମାମଲା ନମ୍ବର ୫୭/୨୧ ରେ ଅଭିଯୁକ୍ତ ନିରଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ନରସିଂହ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଜଗନ୍ନାଥପ୍ରସାଦ,୨୮।୬(ବିଭୁ ପ୍ରସାଦ ପଟ୍ଟନାୟକ): ଜଗନ୍ନାଥପ୍ରସାଦ ଥାନା ଜାମୋଗୋରଡା ୨୧ ନମ୍ବର ରାଜ୍ୟ ରାଜପଥରେ ମଙ୍ଗଳବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିକିଲି ଗ୍ରାମର ବିକ୍ରମ ଗୌଡ଼ (୪୮)। ମଙ୍ଗଳବାର ରାତ୍ରୀରେ ବିକ୍ରମ ଓ କିଛି ସାଥି ଭୋଜି ଖାଇ ନିଜ ଗ୍ରାମକୁ ଫେରୁଥିବା ସମୟରେ ଟ୍ରକ (ନଂ ଓଆର୦୫ଏଡି୮୨୬୩) ସାମ୍ନାରୁ ଆସି ବିକ୍ରମଙ୍କ ବାଇକକୁ ଧକ୍କା ଦେଇଥିବା ଓ ଘଟଣା ସ୍ଥଳରେ ବିକ୍ରମ ମୃତ ହୋଇଥିବା ଭଉଣୀ ସୁନିତା ଥାନାରେ ଅଭିଯୋଗ କରିଛନ୍ତି।

## ଏମ୍‌କେସିଜିର ସମସ୍ୟା ନେଇ ଜିଲାପାଳଙ୍କ ସମୀକ୍ଷା


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ବ୍ରହ୍ମପୁର,୨୮।୬(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲର ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମ୍‌କେସିଜି ମେଡିକାଲ କଲେଜରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ମେଡିକାଲରେ ଖାଲି ଥିବା ପଦବୀ ପୂରଣ କରିବା ଠାରୁ ଆରମ୍ଭ କରି ଆବଶ୍ୟକ ଟେକ୍ନିସିଆନ୍, ରେଡ଼ିଓଗ୍ରାଫର୍ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି କାଜୁଆଲ୍ଟି, ଟ୍ରମା କେୟାର୍ ସେଣ୍ଟର୍ ଓ ରକ୍ତଭଣ୍ଡାରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟପଟେ ମେଡିକାଲର ବିଭିନ୍ନ ବିଭାଗରେ ଲିଫ୍ଟ କାମ କରୁନଥିବା ବେଳେ ସେଗୁଡ଼ିକ କିପରି ୨୪ଘଣ୍ଟିଆ କାର୍ଯ୍ୟକ୍ଷମ ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ରୋଗୀସେବାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଯେଉଁ ବିଭାଗ ପାଇଁ ଡାକ୍ତର କି ଟେକ୍ନିସିଆନ୍ ନାହାନ୍ତି, ସେହି ବିଭାଗ ପାଇଁ ଘରୋଇ ସଂସ୍ଥାରୁ କର୍ମଚାରୀ ଯୋଗାଇବାକୁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ରୋଗୀଙ୍କ ସୁବିଧା ପାଇଁ ଆହୁରି ଦୁଇଟି ବ୍ୟାଟେରି ଚାଳିତ ଗାଡ଼ି ବ୍ୟବସ୍ଥା କରିବା, ଡାକ୍ତରଖାନା ପରିସରରେ ରୋଗୀଙ୍କ ସୁରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଏମକେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ସୁଚିତ୍ରା ଦାଶ, ରେଜିଷ୍ଟ୍ରାର୍ ସଂଗ୍ରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com

@ ବାପି
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମେସେଜ କ୍ଲିକ୍ ପରେ ଆକାଉଣ୍ଟରୁ କଟିଗଲା ୧.୫୮ଲକ୍ଷ

ବ୍ରହ୍ମପୁର,୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ)

ସହରରେ ଏବେ ସାଇବର ଠକ କାୟା ବିସ୍ତାର କରି ଚାଲିଛନ୍ତି। ଜଣଙ୍କ ପରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ମାୟା ଜାଲରେ ଫସାଉଛନ୍ତି। ସାଇବର ଠକମାନେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗର ଅଞ୍ଚଳର ଏବେ ଜଣେ ଯୁବକ ମହମ୍ମଦ ଅହିତ ସାମୁଏଲ ହକଙ୍କୁ ଠକେଇର ଶିକାର କରିଛନ୍ତି। ତାଙ୍କର ବିଭିନ୍ନ ବ୍ୟାଙ୍କର କ୍ରେଡିଟ କାର୍ଡ଼ରୁ ଏହି ଠକମାନେ ଖୁବ କମ ସମୟ ମଧ୍ୟରେ ୧ଲକ୍ଷ ୫୮ ହଜାର ୮୫୧ ଟଙ୍କା ଗାୟବ କରି ଦେଇଛନ୍ତି। ସେ ଏନେଇ ସାଇବର ଥାନାରେ ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ଫେବୃଆରୀ ୨ତାରିଖରେ ମହମ୍ମଦ ସାମୁଏଲ କୌଣସି କାମରେ ଭଞ୍ଜନଗର ଯାଇଥିଲେ। ସେଠାରେ ତାଙ୍କ ଫୋନକୁ ଏକ କଲ ଆସିଥିଲା। ସେ ନିଜକୁ ଜଣେ ଏକ୍ସିସ ବ୍ୟାଙ୍କର କର୍ମଚାରୀ ବୋଲି ପରିଚୟ ଦେଇ ଅନଲାଇନ ଜରିଆରେ ବ୍ୟାଙ୍କର ସମସ୍ତ ସମସ୍ୟାର ସମାଧନ ସେ କରିବେ ବୋଲି କହିଥିଲେ। ପରେ ତାଙ୍କ ମୋବାଇଲକୁ ଏକ ଲିଙ୍କ ଆସିଥିଲା। ସେ ଉକ୍ତ ଲିଙ୍କକୁ କ୍ଲିକ କରି ମୋବାଇଲଟିକୁ ନିଜ ପ୍ୟାଣ୍ଟ ପକେଟରେ ରଖିଥିଲେ। ପରେ ସେ ସେଠାରୁ ବ୍ରହ୍ମପୁର ଆସିଯାଇଥିଲେ। ଘରେ ପହଞ୍ଚି ସେ ନିଜର ମୋବାଇଲକୁ ଦେଖିବା ବେଳେ ତାଙ୍କ ବିଭିନ୍ନ ଆକାଉଣ୍ଟର କ୍ରେଡିଟ କାର୍ଡ ଜରିଆରେ ୬ ଥରରେ ୧ ଲକ୍ଷ ୫୮ହଜାର ୮୫୧ ଟଙ୍କା ନେଇଯାଇଥିଲେ। ଠକେଇର ଶିକାର ହୋଇଥିବା ଜଣାପଡିବା ପରେ ସେ ଏନେଇ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ୧୬/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

## ୪ ନଂ. ୱାର୍ଡ ପରିଦର୍ଶନ କଲେ ବିଧାୟକ, ମେୟର

ବ୍ରହ୍ମପୁର, ୨୮।୬ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ ୪ ନଂ ୱାର୍ଡ ଅନ୍ତର୍ଗତ ଓମ ନଗର, ଗୌରାଙ୍ଗ ବିହାର ଓ ଯଶୋଦା ନଗରକୁ ବୁଧବାର ବିଇଏମସି ମେୟର ସଂଘମିତ୍ରା ଦଳେଇ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଇଏମସି କମିଶନର ଜେ. ସୋନାଲ ପରିଦର୍ଶନ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବାରମ୍ବାର ଦାବି ଓ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ପରେ ମେୟର, ବିଧାୟକ ଓ କମିଶନର ପରିଦର୍ଶନ କରିଥିଲେ। ଓମ ନଗରଠାରେ ପାର୍କ, ପାଠାଗାର ଓ କମ୍ୟୁନିଟି ହଲ ନିର୍ମାଣ ନେଇ ସ୍ଥାନ ଚିହ୍ନଟ ହୋଇଥିଲା। ଓମ ନଗରଠାରେ ଖୁବ ଶୀଘ୍ର ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବା ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗୌରାଙ୍ଗ


ବିଧାୟକ, ମେୟର ଓ କମିଶନରଙ୍କ ୪ ନଂ ୱାର୍ଡ ପରିଦର୍ଶନ।

ବିହାର ଓ ଯଶୋଦା ନଗର ଅଞ୍ଚଳରେ ରାସ୍ତା ନିର୍ମାଣ ନେଇ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ରାସ୍ତା କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବା ନେଇ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଉକ୍ତ ୨ଟି ସାହିରେ ରହିଥିବା ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ମଧ୍ୟ ବିଧାୟକ କହିଥିଲେ। ଆଗାମୀ ଦିନରେ ଉକ୍ତ ୱାର୍ଡରେ ଅନ୍ୟ ସମସ୍ତ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଳ, ଜିଲା ଛାତ୍ର ବିଜେଡି ଉପସଭାପତି ରାଜେଶ ପଟ୍ଟନାୟକଙ୍କ ସମେତ ସୁରେଶ ଚନ୍ଦ୍ର ଉପାଧ୍ୟାୟ, ବଂଶୀ ପ୍ରଧାନ, ବଲଭ ପାଣିଗ୍ରାହୀ, ରାଜୀବ ବିଶୋୟୀ ଓ ବବଲୁ ପ୍ରଧାନ ଏବଂ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଉକ୍ତ ଅଞ୍ଚଳର ଉନ୍ନୟନ ମୂଳକ କାର୍ଯ୍ୟ ନେଇ ମେୟର ଓ ବିଧାୟକ ପଦକ୍ଷେପ ଗ୍ରହଣ କରିଥିବାରୁ ସ୍ଥାନୀୟ ବାସିନ୍ଦା କୃତଜ୍ଞତା ଜଣାଇଛନ୍ତି।

